# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା,

(ଜରୁରୀ କାଳୀନ ଶାଖା)

**ବିଜ୍ଞାପନପତ୍ର ସଂଖ୍ୟା:- ୧୪୮୮ ତା-୦୬/୦୬/୨୦୨୫.**

ଏତଦ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କେନ୍ଦ୍ରାପଡ଼ା ଜିଲ୍ଲାରେ ୨୦୨୪ ମସିହାରେ ବନ୍ୟା ସମୟରେ ସାହାଯ୍ୟ ଓ ଉଦ୍ଧାର କାର୍ଯ୍ୟ ପାଇଁ **୫୧** (ଏକାବନ) ଗୋଟି ଅସ୍ଥାୟୀ ଲଞ୍ଚଡ୍ରାଇଭର ଓ **୪୩** (ତେୟାଳିଶ୍) ଗୋଟି ଅସ୍ଥାୟୀ ଲଞ୍ଚ ଖଲାସୀ ସ୍ଥାନପୂରଣ ପାଇଁ ନିଯୁକ୍ତି ପ୍ରକ୍ରିୟା ଅନୁଷ୍ଠିତ କରାହେବ ଓ ଏହି ନିଯୁକ୍ତି ସମ୍ପୂର୍ଣ୍ଣ ଅସ୍ଥାୟୀ ଅଟେ. ଏବଂ ନିଯୁକ୍ତି ଦିନଠାରୁ **ଆସନ୍ତା ତା ୩୦.୧୧.୨୦୨୫** ପର୍ଯ୍ୟନ୍ତ ବୈଧ ଅଟେ । ନିଯୁକ୍ତି ନିମନ୍ତେ ଚୟନିତ ପ୍ରାର୍ଥୀଙ୍କୁ, ଯଥାକ୍ରମେ ଅସ୍ଥାୟୀ ଲଞ୍ଚ ଡ୍ରାଇଭର ପାଇଁ ଟ. ୧୩,୯୦୦ /- (ତେର ହଜାର ନଅଶହ ) ଓ ଅସ୍ଥାୟୀ ବୋଟ ଖଲାସୀଙ୍କ ପାଇଁ ଟ. ୧୨,୬୦୦/- (ବାର ହଜାର ଛଅଶହ ) ଟଙ୍କା ସର୍ବମୋଟ ମାସିକ ପାରିଶ୍ରମିକ ଭାବେ ପ୍ରଦାନ କରାଯିବ। ଉକ୍ତ ପଦବୀ ମାନଙ୍କରେ ନିଯୁକ୍ତ ବ୍ୟକ୍ତିଙ୍କୁ ଉପରୋକ୍ତ ପାରିଶ୍ରମିକ ବ୍ୟତୀତ ମହଙ୍ଗା ଭତ୍ତା କିମ୍ବା ଅନ୍ୟ କୌଣସି ଭତ୍ତା ଦିଆଯିବ ନାହିଁ।

**(କ) <u>ଅସ୍ଥାୟୀ ଲଞ୍ଚ ଡ୍ରାଇଭରଙ୍କ ପାଇଁ ଅବଶ୍ୟକୀୟ ଯୋଗ୍ୟତା</u> ।**

୧ )ପ୍ରାର୍ଥୀଙ୍କ ବୟସ ତା **୦୧-୦୬-୨୦୨୫** ରିଖ ସୁଦ୍ଧା **୧୮ ବର୍ଷରୁ ୬୦ ବର୍ଷ** ମଧ୍ୟରେ ହୋଇଥିବ ।

୨) ପ୍ରାର୍ଥୀଙ୍କ ଅନ୍ୟୁନ ଦ୍ୱିତୀୟ ଶ୍ରେଣୀ ଲଞ୍ଚଡ୍ରାଇଭିଙ୍ଗ ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ଉକ୍ତ ପ୍ରମାଣପତ୍ର ତାହା ନିର୍ଦ୍ଦିଷ୍ଟ କର୍ତ୍ତୃପକ୍ଷଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବଶ୍ୟକ ।

୩) ଅସ୍ଥାୟୀ ଲଞ୍ଚ ଡ୍ରାଇଭର ପଦବୀ ପାଇଁ ଅଣାୟୀ ପ୍ରାର୍ଥୀମାନଙ୍କ ପାଇଁ ଷ୍ଟେଟ ପୋର୍ଟ ଇଞ୍ଜିନିୟର କିମ୍ବା ତାଙ୍କ ଦ୍ୱାରା ପ୍ରାଧିକୃତ ପ୍ରତିନିଧିଙ୍କ ଦ୍ୱାରା ବୈଷୟିକ ପରୀକ୍ଷା କରାଯିବ ଏବଂ ଉକ୍ତ ବୈଷୟିକ ପରୀକ୍ଷାରେ କୃତକାର୍ଯ୍ୟ ପ୍ରାର୍ଥୀମାନେ ହିଁ ଅସ୍ଥାୟୀ ଲଞ୍ଚ ଡ୍ରାଇଭର ନିଯୁକ୍ତି ପାଇଁ ଯୋଗ୍ୟ ବିବେଚିତ ହେବେ।

**(ଖ) <u>ଅସ୍ଥାୟୀ ଲଞ୍ଚ ଖଲାସୀଙ୍କ ପାଇଁ ଅବଶ୍ୟକୀୟ ଯୋଗ୍ୟତା</u> ।**

୧ )ପ୍ରାର୍ଥୀଙ୍କ ବୟସ ତା **୦୧-୦୬-୨୦୨୫** ରିଖ ସୁଦ୍ଧା **୧୮ ବର୍ଷରୁ ୬୦ ବର୍ଷ** ମଧ୍ୟରେ ହୋଇଥିବ ।

୨ ) ନୂତନ ଭାବେ ଆବେଦନ କରୁଥିବା ପ୍ରାର୍ଥୀଙ୍କର ଅନ୍ୟୁନ Crew Training ପ୍ରମାଣ ପତ୍ର Crew Training Institute ରୁ ପ୍ରାପ୍ତ ହୋଇଥିବା ଆବଶ୍ୟକ ।

**(ଗ) ୧)** ଆବେଦନ କରିଥିବା ପଦବୀରେ (ଉଭୟ ଅସ୍ଥାୟୀ ଲଞ୍ଚ ଡ୍ରାଇଭର ଓ ଅସ୍ଥାୟୀ ଖଲାସୀ) ଷ୍ଟେଟ ପୋର୍ଟ ଇଞ୍ଜିନିୟରିଂ ସଂସ୍ଥାରେ ପୂର୍ବରୁ କାର୍ଯ୍ୟକରିଥିବା ଅଭିଜ୍ଞତା ସଂପନ୍ନ ପ୍ରାର୍ଥୀମାନଙ୍କୁ ଚୟନରେ ପ୍ରାଧାନ୍ୟ ଦିଆଯିବ। ଏଥିପାଇଁ ପୂର୍ବରୁ କାର୍ଯ୍ୟ ଅଭିଜ୍ଞତା ଥିବା ସମସ୍ତ ଆବେଦନକାରୀ, ଆବେଦନ ପତ୍ରସହିତ ପୂର୍ବ ନିଯୁକ୍ତିପତ୍ର/ ଆଦେଶ ସଂଲଗ୍ନ କରିବେ ।

**୨)** ସମସ୍ତ ପ୍ରାର୍ଥୀ ୨୦ (କୋଡିଏ) ମିନିଟରେ ନଦୀରେ/ କେନାଲରେ କିମ୍ବା ଯେକୌଣସି ଜଳଉତ୍ସରେ ୨୦୦ମିଟର ପର୍ଯ୍ୟନ୍ତ ପହଁରିବାର ଦକ୍ଷତା ଥିବା ଅବଶ୍ୟକ । ଏଥିନିମନ୍ତେ ପ୍ରାର୍ଥୀ ଅବେଦନ ପତ୍ର ସହିତ ଏକ ଘୋଷଣାନାମା ଦେବେ, ଯେଉଁ ଥିରେ ଉଲ୍ଲେଖ କରିବେ ଯେ ସେମାନେ ୨୦ମିନିଟ ଲଗାତର ନଦୀରେ/ କେନାଲରେ କିମ୍ବା ଯେକୌଣସି ଜଳଉତ୍ସରେ ୨୦୦ମିଟର ପର୍ଯ୍ୟନ୍ତ ସନ୍ତରଣ କରି ପାରିବେ ଏବଂ କୌଣସି ଦୁର୍ଘଟଣା ହେଲେ ସେଥିପାଇଁ ନିଜେ ଦାୟୀରହିବେ । ଏଥି ନିମନ୍ତେ ସରକାରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

**୩)** ଷ୍ଟେଟ ପୋର୍ଟ ଇଞ୍ଜିନିୟର କିମ୍ବା ତାଙ୍କ ଦ୍ୱାରା ପ୍ରାଧିକୃତ ପ୍ରତିନିଧି ଙ୍କ ଦ୍ୱାରା, ସନ୍ତରଣ ପରୀକ୍ଷା କରାଯିବ, ଏବଂ ଉକ୍ତ ସନ୍ତରଣ ପରୀକ୍ଷାରେ କୃତକାର୍ଯ୍ୟ ପ୍ରାର୍ଥୀମାନେ ହିଁ ଅସ୍ଥାୟୀ ଲଞ୍ଚ ଡ୍ରାଇଭର ଏବଂ ଅସ୍ଥାୟୀ ଲଞ୍ଚ ଖଲାସୀ ନିଯୁକ୍ତି ପାଇଁ ଯୋଗ୍ୟ ବିବେଚିତ ହେବେ ।

**୪)** ନିଯୁକ୍ତି ନିମନ୍ତେ ଚୟନ ହୋଇଥିବା ସମସ୍ତ ପ୍ରାର୍ଥୀ ପଦବୀରେ ଯୋଗଦାନ କରିବା ପୂର୍ବରୁ ସରକାରୀ ଡ଼ାକ୍ତରଙ୍କଠାରୁ ସୁସ୍ଥତା ପ୍ରମାଣପତ୍ର ଦାଖଲ କରିବେ। ପଦବୀରେ ଯୋଗଦାନ କରିବା ପୂର୍ବରୁ ଯେକୌଣସି ସମୟରେ ଯଦି ଚୟନିତ ପ୍ରାର୍ଥୀ ସୁସ୍ଥତା ପ୍ରମାଣପତ୍ର ଦାଖଲ କରିବା ପାଇଁ ବିଫଳ ହେବେ, ତେବେ ସେମାନଙ୍କର ନିଯୁକ୍ତି ନାକଚ କରାଯିବ ।

**୫)** ଏହି ନିଯୁକ୍ତି ପ୍ରକ୍ରିୟା ପାଇଁ ଆବେଦନ କରିଥିବା ପ୍ରାର୍ଥୀ ବିଜ୍ଞାପନ ମୁତାବକ ଆବଶ୍ୟକୀୟ ପ୍ରମାଣପତ୍ର ସେମାନଙ୍କର ଦରଖାସ୍ତ ସହିତ ସଂଲଗ୍ନ କରିନଥିବେ ତେବେ ସେମାନଙ୍କର ପ୍ରାର୍ଥୀପତ୍ରକୁ ନାକଚ କରିଦିଆଯିବ ଓ ସେମାନେ ବୈଷୟିକ ଓ ସନ୍ତରଣ ପରୀକ୍ଷାରେ ଭାଗ ନେଇ ପାରିବେ ନାହିଁ ।

**୬)** ପ୍ରାର୍ଥୀ ଯେକୌଣସି ଗୋଟିଏ ଯଥା ଅସ୍ଥାୟୀ ଲଞ୍ଚ ଡ୍ରାଇଭର ଅଥବା ଅସ୍ଥାୟୀ ଖଲାସୀ ପଦବୀ ପାଇଁ ଆବେଦନ କରିପାରିବେ ।

ନିଯୁକ୍ତି ପାଇଁ ଇଚ୍ଛୁକ ପ୍ରାର୍ଥୀ ଅଶାୟୀ ପଦବୀ ପାଇଁ ଉପରଲିଖିତ ପ୍ରମାଣପତ୍ର ଗୁଡିକର ନକଲ ସହ ଘୋଷଣାନାମା ଏବଂ ଦରଖାସ୍ତ ତା.**୧୨.୦୬.୨୦୨୫** ରିଖ ଅପରାହ୍ଣ **୧.୦୦** ଘଟିକା ସୁଦ୍ଧା ରେଜିଷ୍ଟରଡ୍ ଅଥବା ସ୍ପିଡ ପୋଷ୍ଟ ମାଧମରେ, "ଜିଲ୍ଲାପାଳ, କେନ୍ଦ୍ରାପଡା" ଙ୍କ ଉଦ୍ଦେଶ୍ୟରେ "ଜିଲ୍ଲା ଜରୁରୀ କାଳୀନ ବିଭାଗ, ଗରାପୁର ଛକ, କେନ୍ଦ୍ରାପଡା" ଠିକଣାରେ ପ୍ରେରଣ କରିବେ । ଏହି ସମୟସୀମା ପରେ ହସ୍ତଗତ ହୋଇଥିବା କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ, ନିର୍ଦ୍ଧିଷ୍ଟ ସମୟସୀମା ମଧ୍ୟରେ ହସ୍ତଗତ ହୋଇଥିବା ଦରଖାସ୍ତ ଗୁଡିକର ଆବେଦନକାରୀମାନଙ୍କ ନିମନ୍ତେ, ମାର୍ଶାଘାଇ ଲଞ୍ଚ ଘାଟ ଠାରେ ତା. **୨୧.୦୬.୨୦୨୫** ରିଖରେ ପୂର୍ବାହ୍ନ **୦୯.୩୦** ଘଟିକା ସମୟରେ ବୈଷୟିକ ପରୀକ୍ଷା ଓ ସନ୍ତରଣ ପରୀକ୍ଷା ଅନୁଷ୍ଠିତ କରାଯିବ । ଉପରୋକ୍ତ ପରୀକ୍ଷାରେ ଭାଗ ନେଇଥିବା ସମସ୍ତ ଆବେଦନକାରୀମାନଙ୍କର ତା. **୨୪.୦୬.୨୦୨୫** ରିଖରେ ସାକ୍ଷାତକାର ଓ ପ୍ରମାଣପତ୍ର ତନଖି କାର୍ଯ୍ୟ ଜିଲ୍ଲା ଆପଦକାଳୀନ ପରିଚାଳନା କେନ୍ଦ୍ର, ଗରାପୁର ଠାରେ ପୂର୍ବାହ୍ନ **୦୯.୩୦** ଘଟିକା ସମୟରେ ଅନୁଷ୍ଠିତ ହେବ ।

ନିଯୁକ୍ତି ପ୍ରକ୍ରିୟାର ବିଭିନ୍ନ ଚରଣ, ଉପରୋକ୍ତ ସମୟ ଏବଂ ସ୍ଥାନରେ ଅନୁଷ୍ଠିତ ହେବ ଏବଂ ଏଥି ନିମନ୍ତେ କୌଣସି ସ୍ୱତନ୍ତ୍ର ଅବଗତି ଦିଆଯିବ ନାହିଁ । ଏଥିରେ ଯଦି କୌଣସି ପରିବର୍ତ୍ତନ ଘଟେ ତେବେ ଅଗ୍ରୀମ ସୁଚନା ସାଧାରଣ ବିଜ୍ଞପ୍ତି ମାଧମରେ ଜଣାଇ ଦିଆଯିବ ।

ଏହି ନିଯୁକ୍ତି ପ୍ରକ୍ରିୟାକୁ ଯେକୌଣସି ସମୟରେ କିମ୍ବା ଯେକୌଣସି ଅବସ୍ଥାରେ ଖାରଜ କରିଦେବାର ଅଧିକାର ନିମ୍ନ ସ୍ୱାକ୍ଷର କାରୀଙ୍କ ଦ୍ୱାରା ସଂରକ୍ଷିତ ।

ଏହି ନିଯୁକ୍ତି ସମ୍ବନ୍ଧିତ ସମସ୍ତ ସୁଚନା **https://kendrapara.odisha.gov.in** ରେ ଉପଲବ୍ଧ ।

**ଜିଲ୍ଲାପାଳ, କେନ୍ଦ୍ରାପଡ଼ା**

**ପରିପତ୍ର ସଂଖ୍ୟା**...୧୫୦୦.../ ତା...୦୫.୦୭.୨୦୨୫...

ଏହାର ଏକକିତା ନକଲ ଜିଲ୍ଲାପାଳ, କେନ୍ଦ୍ରାପଡ଼ାଙ୍କ କାର୍ଯ୍ୟାଳୟର ନୋଟିସବୋର୍ଡ/ ଉପ-ଜିଲ୍ଲାପାଳ କେନ୍ଦ୍ରାପଡ଼ାଙ୍କ କାର୍ଯ୍ୟାଳୟର ନୋଟିସବୋର୍ଡ ଓ ଜିଲ୍ଲା ଆପାଦକାଳୀନ ପରିଚାଳନା କେନ୍ଦ୍ର ର ନୋଟିସବୋର୍ଡ ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଲଟକାଇବା ପାଇଁ ପ୍ରେରଣ କରାଗଲା

**ଜିଲ୍ଲାପାଳ, କେନ୍ଦ୍ରାପଡ଼ା**

**ପରିପତ୍ର ସଂଖ୍ୟା**...୧୫୦୧.../ ତା...୦୫.୦୭.୨୦୨୫...

ଏହାର ଏକକିତା ନକଲ ସମସ୍ତ ତହସିଲଦାର / ମଣ୍ଡଳ ଉନ୍ନୟନ ଅଧିକାରୀ/ ନିର୍ବାହୀ ଅଧିକାରୀ କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ ପୌରସଂସ୍ଥାଙ୍କୁ ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଲଟକାଇବା ପାଇଁ ପ୍ରେରଣ କରାଗଲା।

**ଜିଲ୍ଲାପାଳ, କେନ୍ଦ୍ରାପଡ଼ା**

**ପରିପତ୍ର ସଂଖ୍ୟା**...୧୫୦୨.../ ତା...୦୫.୦୭.୨୦୨୫...

ଏହାର ନକଲ ଷ୍ଟେଟ ପୋର୍ଟ ଇଞ୍ଜିନିୟର, ଓଡ଼ିଶାଙ୍କୁ ଅବଗତି ନିମନ୍ତେ ଜଣାଇ ଦିଆଗଲା। ବୈଷୟିକ ପରୀକ୍ଷା ଓ ସାକ୍ଷାତକାର ପରୀକ୍ଷା ସମୟରେ ଧାର୍ଯ୍ୟ ତାରିଖ ଓ ସ୍ଥାନରେ ନିଜେ କିମ୍ବା ନିଜର କ୍ଷମତା ପ୍ରାପ୍ତ ଅଧିକାରୀ ଉପସ୍ଥିତ ରହିବା ପାଇଁ ଅନୁରୋଧ କରାଗଲା।

**ଜିଲ୍ଲାପାଳ, କେନ୍ଦ୍ରାପଡ଼ା**

**ପରିପତ୍ର ସଂଖ୍ୟା**...୧୫୦୩.../ ତା...୦୫.୦୭.୨୦୨୫...

ଏହାର ନକଲ ସ୍ୱତନ୍ତ୍ର ରିଲିଫ କମିଶନର, ଓଡ଼ିଶାଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା।

**ଜିଲ୍ଲାପାଳ, କେନ୍ଦ୍ରାପଡ଼ା**

**ପରିପତ୍ର ସଂଖ୍ୟା**...୧୫୦୪.../ ତା...୦୫.୦୭.୨୦୨୫...

ଏହାର ନକଲ ଡି.ଇ.ଜି.ଏମ, କେନ୍ଦ୍ରାପଡ଼ା, କଲେକ୍ଟୋରେଟ କେନ୍ଦ୍ରାପଡ଼ାଙ୍କୁ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ, ସେ ଉକ୍ତ ନୋଟିସ୍‌କୁ **https://kendrapara.odisha.gov.in** ରେ ସର୍ବସାଧାରଣଙ୍କ ଜ୍ଞାତସାର ନିମନ୍ତେ ପ୍ରକାଶନ କରିବେ।

**ଜିଲ୍ଲାପାଳ, କେନ୍ଦ୍ରାପଡ଼ା**

**********